Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

ସପ୍ତାହ – ୧୯

ନ.- ୫୪୫ (ଓଡିଆ ବୁଲେଟିନ)
ତାରିଖ – ୧୨.୦୫.୨୦୨୬

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟନିର୍ଦ୍ଦେଶାଳୟ)

## ପୂର୍ବାନୁମାନ ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, କେନ୍ଦ୍ରାପଡା ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୧୧ ରୁ ୨୪ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୬ ରୁ ୩୭ ଡିଗ୍ରୀ ସେଲସିଅସ ଓ ୨୨ ରୁ ୨୩ ଡିଗ୍ରୀ ସେଲସିଅସ ମଧରେ ରହିବାର ସମ୍ଭାବନା ରହିଅଛି ।

## ସାଧାରଣ ଉପଦେଶ

- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବିଂ ବରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ଭଲ ଭାବରେ ସଫା କରନ୍ତୁ ।
- ଜମିରେ ଘାସ ଦମନ ପାଇଁ , ମାଟିରୁ ଜାତ ପୋକର ଅଣ୍ଡା ଓ ଶୁକର ଦମନ ପାଇଁ, ବର୍ତମାନ ସମୟରେ ଖରାଟିଆ ଚାଷ କରନ୍ତୁ ।
- କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।
- ଖରାଟିଆ ଚାଷ କରି ଜମିରେ ସବୁଜ ସାର ହିସାବ ରେ ଧଣିଚା ମଞ୍ଜି କୁ ଏକର ପ୍ରତି ୧୦ କିଲୋଗ୍ରାମ ହିସାବ ରେ ବୁଣନ୍ତୁ ।
- ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଅଛି । ତେଣୁ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦ କରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ଏବଂ କ୍ଷୟ କ୍ଷତି ଏଡ଼ାଇବା ପାଇଁ ଫାର୍ମ ଉପକରଣ, ମୋଟର ଏବଂ ସିଞ୍ଚନ ପମ୍ପଗୁଡ଼ିକ ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ପରାମର୍ଶ ଦିଆ ଯାଉଅଛି ।
- ଝଟକା ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଆମ୍ବ ଗଛରେ ଜାଲ ଲଗାନ୍ତୁ ।
- ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଘର ଭିତରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ । ଘାସ ଚରିବା ପାଇଁ ପଶୁ ମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟ ରେ ଛାଡନ୍ତୁ ।

## ସଂକ୍ଷିପ୍ତ ଉପଦେଶ:

- ଜମି ର ପ୍ରକାର, ମାଟି ର ଉର୍ବରତା ଓ ଜଳ ସେଚନ ର ସୁବିଧା କୁ ବିଚାର କୁ ନେଇ ଖରିଫ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ ।

## ବିଶେଷ ଉପଦେଶ

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଡାଲୁଅ ଧାନ | ଅମଳ ଅବସ୍ଥା | ❖ ଧାନ କେଣ୍ଡା ରେ ଶତକଡା ୮୫ ଭାଗ ଧାନ ପାଚି ଗଲା ପରେ ଓ ହଳଦିଆ କିମ୍ବା ସୁନା ରଙ୍ଗ ର ହୋଇ ଗଲେ ଅମଳ କରନ୍ତୁ ନଚେତ ଧାନ ଝଡି ପଡିବାର ସମ୍ଭାବନା ଥାଏ । ଧାନ ଅମଳ ପରେ ଦିନ କୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣ କିମ୍ବା ୨୦୦ ମାଇକ୍ରନ କଳା ପୋଲିଥିନ ଉପରେ ୨.୫ ସେମି ଉଚ୍ଚ ରେ ଶୁଖାଇ ଦେଲେ ଆର୍ଦ୍ରତା ଶତକଡା ୧୪ କୁ ଖସି ଆସେ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ସଅଳ କାଣ୍ଡ ବିନ୍ଧା ପୋକ<br>ଆଖୁ ଫସଲ ରେ ସଅଳ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ପ୍ରଥମ ଥର ହୁଡା ଟେକିବା ସମୟରେ ମାଟିରେ ଏକର ପ୍ରତି ୧୦କିଲୋଗ୍ରାମ Fipronil ନାମକ ଦାନାଦାର ପ୍ରୟୋଗ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି Profenophos ନାମକ କୀଟନାଶକ କିମ୍ବା ୧୫୦ ମିଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ବେବି କର୍ନ | ଲଗାଇବା ଅବସ୍ଥା | ❖ ମେ ଓ ଜୁନ ମାସ ରେ ବେବି କର୍ନ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । VL-୪୨, ଏର୍ଲୀ କମ୍ପୋଜିଟ , MEH-୧୧୪, MEH-୧୩୩ ଆଦି ଶଙ୍କର ଜାତୀୟ ବିହନ ଲଗାନ୍ତୁ । ଏକ ଏକର ଜମି ପାଇଁ ୧୦-୧୨ କିଲୋ ବିହନ ଦରକାର । ଶେଷ ଓଡ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ମଧ୍ୟରୁ (୬୦ କିଲୋଗ୍ରାମ ଯବକ୍ଷାରଜାନ, ୨୪ କିଲୋଗ୍ରାମ ଫସଫରସ, ୧୬ କିଲୋଗ୍ରାମ ପଟାସ ) ସମୁଦାୟ ଫସଫରସ ଓ ପଟାସ ସାର ଓ ଏକ ତୃତୀୟାଂଶ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ମୂଳ ସାର ଭଲଭାବେ ଉପର ମାଟି ମିଶାଇବା ପରେ ବେବି କର୍ନ କୁ ଧାଡି କୁ ଧାଡି ୪୫ ସେମି ଓ ଗଛ କୁ ଗଛ ୨୦ ସେମି ଦୂରତା ରଖି ୫ ସେମି ଗଭୀରରେ ଲଗାନ୍ତୁ । ପ୍ରତି ବୁଦାରେ ଦୁଇଟି ହିସାବ ରେ ଏକର ପ୍ରତି ୫୦-୭୫ ହଜାର ଗଛ ରଖନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | ❖ ଗଣ୍ଡି ଓ ଫଳ ବିନ୍ଧା ପୋକ-<br>ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦ ମି.ଲି Pyridalyl ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ / ବିଲାତି ବାଇଗଣ | ଫୁଲ ଓ ଫଳ ଧରିବା ଅବସ୍ଥା | ❖ କାଣ୍ଡ ଓ ଫଳ ବିନ୍ଧା ପୋକ: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ଶୁଖିଲା ପାଗ ଦେଖି ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>❖ ଧଳା ମାଛି: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮-୧୦ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ । ସଂକ୍ରମିତ ହେବାର ପ୍ରଥମ ଅବସ୍ଥାରେ ୩୦ ମି.ଲି ନିମ୍ବ ଆଧାରିତ କୀଟନାଶକ (ଆଯାଡିରାକଟିନ୍ ୧୫୦୦ ପିପିଏମ୍ ) କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଶୋଷକ କୀଟ ସମୂହ (ଜଉ ପୋକ, ପତ୍ରଡିଆଁ ପୋକ, ଉକୁଣିଆ ପୋକ ଓ ଧଳାମାଛି): ପ୍ରତିକାର ପାଇଁ ଆବଶ୍ୟକ ମତେ ୨.୫ ଗ୍ରାମ ଏସିଟାମିପ୍ରିଡ ୨୦% ଏସ୍.ପି କିମ୍ବା ୦୨ ଗ୍ରାମ ଥାୟୋମେଥୋକଜାମ ୨୫% ଡବ୍ଲୁ.ଜି. କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>❖ ଫଳମାଛି : ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୪ ଟି ଫେରୋମୋନ ଟ୍ରାପ ଲଗାନ୍ତୁ ଏବଂ ୩ ସପ୍ତାହ ପରେ ଲିଓର କୁ ପରିବର୍ତ୍ତନ କରନ୍ତୁ। |

| | | |
|---|---|---|
| ଆମ୍ବ | ଫଳ ଧରିବା ଅବସ୍ଥା | ❖ ବର୍ତ୍ତମାନ ସମୟରେ ଆମ୍ବରେ ଫଳମାଛି ଲାଗିବାର ସମ୍ଭାବନା ରହିଛି । ଫଳ ମାଛି ଆକ୍ରାନ୍ତ ଫଳ ଗୁଡିକ ଝଡିପଡେ ଓ ଖାଇବା ଅନୁପଯୋଗୀ ହୋଇଥାଏ । ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୧ଲିଟର ପାଣି ରେ ୧୦୦ଗ୍ରାମ ଗୁଡ ଓ ୨ଗ୍ରାମ Cartap Hydrochloride କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ। ଏହି ବିଷଥୋପରୁ ୧୦୦ ମିଲି ନେଇ ଏକର ପ୍ରତି ୮-୧୦ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟିରେ କିମ୍ବା ପ୍ଲାଷ୍ଟିକ କପରେ ରଖିଗଛ ଡାଳରେ ୫ ଫୁଟ ଉଚ୍ଚତାରେ ଝୁଲେଇ ଦିଅନ୍ତୁ । ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । |
| ମାଛ ଚାଷ | ❖ ବର୍ତ୍ତମାନ ସମୟରେ ଦିନର ତାପମାତ୍ରା ବଢିବା ସହ ସହ ଗ୍ରୀଷ୍ମ ଲହରୀ ପ୍ରବାହ ହେଉଥିବାରୁ ପୋଖରୀ ର ଜଳର ଗଭୀରତା ସତେଜ ପାଣି ଭର୍ତି କରି ୧ ମିଟର ବଢ଼ାଇ ଦିଅନ୍ତୁ। ଦାନା ର ପରିମାଣ ୧୦ ରୁ ୨୦ ପ୍ରତିଶତ କମ କରିଦିଅନ୍ତୁ ଏବଂ ପୋଖରୀ ଭିତରକୁ ଥଣ୍ଡା ପାଣି ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ ଯେପରିକି ପାଣିର ତାପମାତ୍ରା ୧୩ ରୁ ୧୮ ଡିଗ୍ରୀ ସେ. ବଜାୟ ରହିବ। | |
| କୁକୁଡା ପାଳନ | ❖ ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରନ୍ତୁ । ବିଜୁଳି ଓ ଘଡ଼ଘଡ଼ି ସମୟରେ ଫାର୍ମ ପାଖରେ କିଛି ବିଦ୍ୟୁତ ଉପକରଣ ରଖନ୍ତୁ ନାହିଁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ "MAUSAM" ଏବଂ "MEGHDOOT" ଆଣ୍ଡ୍ରଏଡ୍ ମୋବାଇଲ ଆପ ବ୍ୟବହାର କରନ୍ତୁ ଏବଂ ବିଜୁଳି ଓ ଘଡଘଡିର ପୂର୍ବାନୁମାନ ପାଇଁ "DAMINI" ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**Mausam MobileApp link:** https://play.google.com/store/apps/details?id=com.imd.masuam&hl=hi
**Meghdoot MobileApp link:** https://play.google.com/store/apps/details?id=com.aas.meghdoot
**Damini MobileApp link :** https://play.google.com/store/apps/details?id=com.lightening.app.damini&hl=en_IN

**E-mail:** aas_ouat@yahoo.com, **WhatsApp**: +91 76569 09765, **Web Portal:** https://ouat.nic.in/agro-advisory-service